# ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ତରଭା

ଜିଲ୍ଲା - ସୁବର୍ଣ୍ଣପୁର

## ଟେଣ୍ଡର ନୋଟିସ

ସଂଖ୍ୟା ୩୪୭/ ତା. ୦୬.୦୩.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ଏହି ପରିଷଦ ଅଧିନରେଥିବା ନିମ୍ନଲିଖିତ ସୈରାତ (ମାହାଲ) ଗୁଡିକଠାରୁ ଟିକସ ଓ ମାସୁଲ ଆଦାୟ ପାଇଁ ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷପାଇଁ ନିର୍ଦ୍ଧିଷ୍ଟ ଫର୍ମରେ ମୁଦଦିଆ ଟେଣ୍ଡର ମାଧମରେ ନିଲାମରେ ଦିଆଯିବାକୁ ସ୍ଥିରୀକୃତ ହୋଇଛି । ଟେଣ୍ଡର ପକାଇବା ପାଇଁ ଆଗ୍ରହୀ ବ୍ୟକ୍ତି ପ୍ରତ୍ୟେକ ସୈରାତ ପାଇଁ ପୃଥକ ଭାବେ ନିର୍ଦ୍ଧିଷ୍ଟ ଫର୍ମରେ (ଅନଲାଇନ ଡାଉନଲୋଡ କରିବେ) ନିର୍ଦ୍ଧାରିତ ଟେଣ୍ଡର ମୂଲ୍ୟ ଏବଂ ଅମାନତ ଟଙ୍କା ପୃଥକ୍ ଭାବରେ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ, ତରଭା (EXECUTIVE OFFICER, NAC TARBHA)ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ କରି ଟେଣ୍ଡରଫର୍ମ ସହିତ ଆବଶ୍ୟକ କାଗଜାତସହିତ ତା. ୨୦.୦୩.୨୦୨୫ ଅପରାହ୍ଣ ୪.୦୦ ଘଟିକା ସମୟ ମଧରେ ପଞ୍ଜୀକୃତ/ ସ୍ପିଡ ପୋଷ୍ଟ ମାଧମରେ/ କାର୍ଯ୍ୟାଳୟରେ ଥିବା ଟେଣ୍ଡର ଉଦ୍ଦିଷ୍ଟ ବାକ୍ସରେ ବ୍ୟକ୍ତିଗତ ଭାବରେ ଦାଖଲ କରିବେ, ଯାହାକି ତା. ୨୧.୦୩.୨୦୨୫ଦିନ ପୂର୍ବାହ୍ଣ ୧୧.୩୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡରଦାତା ମାନେ ନିମ୍ନଲିଖିତ ଧାର୍ଯ୍ୟ ନିୟମାବଳୀ ପାଳନ କରିବେ ଅନ୍ୟଥା ଟେଣ୍ଡର ଅଗ୍ରାହ୍ୟ ହେବ । ଲଫାପା ଉପରେ ଟେଣ୍ଡର ଦାଖଲକାରୀ ନିଜ ନାମ, ଠିକଣା ଏବଂ ସୈରାତର ନାମ ଉଲ୍ଲେଖ କରିବା ଅନିବାର୍ଯ୍ୟ, ଅନ୍ୟଥା ସଂପୃକ୍ତ ଟେଣ୍ଡର ଲଫାପା ଖୋଲାଯିବନାହିଁ ।

<u>ନିଲାମ ସମ୍ବନ୍ଧୀୟ ସୂଚନା ତଥା ନିୟମାବଳୀ</u>

୧. ଟେଣ୍ଡରଦାତା ତରଭା ବିଜ୍ଞାପିତ ଅଂଚଳ ବାସୀନ୍ଦା ହେବା ଆବଶ୍ୟକ । ଟେଣ୍ଡର ସହିତ ଏହାର ପ୍ରମାଣପତ୍ର (ପରିଚୟ ପତ୍ର) ଦାଖଲ କରିବେ ।

୨. ନିର୍ଦ୍ଧାରିତ ସମୟ ପରେ କିମ୍ବା ଆଗରୁ ଆସିଥିବା କୌଣସି ଟେଣ୍ଡର ଗ୍ରହଣୀୟ ନୁହେଁ ।

୩. ଟେଣ୍ଡରଦାତାଙ୍କ ନାମରେ ପୂର୍ବରୁ ତରଭା ବିଜ୍ଞାପିତ ଅଂଚଳ ପରିଷଦରେ କୌଣସି ବକେୟା ପ୍ରାପ୍ୟଥିଲେ ସଂପୃକ୍ତ ଟେଣ୍ଡରଟି ଅଗ୍ରାହ୍ୟ ହେବ ଏବଂ ଅମାନତ ଟଙ୍କା ବ୍ୟାଜ୍ୟାପ୍ତ ହେବ ।

୪. ଗୃହୀତ ଟେଣ୍ଡର ବାବଦ ସମସ୍ତ ଟଙ୍କା ଏକକାଳୀନ ତା. ୨୭.୦୩.୨୦୨୫ ଅପରାହ୍ଣ ଘ.୦୪.୦୦ଟିକା ମଧରେ ଟେଣ୍ଡରଦାତା ଅତ୍ର କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ, ତରଭା (EXECUTIVE OFFICER, NAC TARBHA)ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ କରି ଦାଖଲ କରି ଏ ସମ୍ବନ୍ଧୀୟ ଚୁକ୍ତିନାମା ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ସଂପାଦନ କରିବେ ନଚେତ ଟେଣ୍ଡର ଅସିଦ୍ଧ ଘୋଷଣା କରାଯାଇ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ ।

ଅ.ପୃ.ଦେ.

SCAN AnyScanner

୫. ସୈରାତ ଆଦାୟ ଫି/ ମାସୁଲ ଦର ସଂପର୍କିୟ ତଥ୍ୟ ପରିଷଦ କାର୍ଯ୍ୟାଳୟରୁ ମିଳିବ ।

୬. କୌଣସି କାରଣ ବସତଃ ୨୦୨୫-୨୬ ଆର୍ଥିକ ବର୍ଷ ମଧରେ ଟେଣ୍ଡର ମୂଲ୍ୟ ହ୍ରାସ ପାଇଁ ଆବେଦନ ଗ୍ରହଣୀୟ ନୁହେଁ ।

୭. କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ଟେଣ୍ଡର ଗ୍ରହଣ ବା ଅଗ୍ରାହ୍ୟ କରିପାରିବେ ।

୮. ନିଲାମ ମୂଲ୍ୟ ଉପରେ କେନ୍ଦ୍ର/ ରାଜ୍ୟ ସରକାରଙ୍କ ଆର୍ଥିକ ନିତୀ ଅନୁଯାୟୀ ଧାର୍ଯ୍ୟ ସେବାକର ଏବଂ ଆୟକର ଇତ୍ୟାଦି ପଇଠ ଦେବେ ।

| କ୍ର.ନଂ. | ସୈରାତର ନାମ | ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ଟେଣ୍ଡର ଫର୍ମ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୧. | ସାପ୍ତାହିକ ପଶୁବଜାର | ଟ. ୩୯୩୭୫୦/- | ଟ. ୨୦୦୦/- | ଟ. ୩୯୪୦୦/- |
| ୨. | ସାପ୍ତାହିକ ପରିବାବଜାର | ଟ. ୩୭୯୦୭୮/- | ଟ. ୨୦୦୦/- | ଟ. ୩୭୯୧୦/- |
| ୩. | କଂସେଇଗୃହ | ଟ. ୧୨୩୬୨୫/- | ଟ. ୬୦୦/- | ଟ. ୧୨୩୬୩/- |
| ୪. | ଉଠାଦେକାନୀଙ୍କଠାରୁ ଦୈନିକ ମାସୁଲ ଆଦାୟ | ଟ. ୧୦୫୦୦୦/- | ଟ. ୬୦୦/- | ଟ. ୧୦୫୦୦/- |

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ତରଭା

ଜ୍ଞାପକ ସଂଖ୍ୟା ୩୪୮/ ତା. ୦୬.୦୩.୨୦୨୫

ଏହାର ନକଲ ବିଜ୍ଞାପିତ ଅଂଚଳ ପରିଷଦର ସୂଚନା ଫଳକରେ ବହୁଳ ପ୍ରଚାର-ପ୍ରସାର ପାଇଁ ଟଙ୍ଗାଗଲା/ DIO, NICଙ୍କ ନିକଟକୁ ସୁବର୍ଣ୍ଣପୁର ଜିଲ୍ଲା Web Portal - www.subarnapur.nic.in ରେ ପ୍ରକାଶନ କରିବାପାଇଁ ଅନୁରୋଧପୂର୍ବକ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ତରଭା

ଜ୍ଞାପକ ସଂଖ୍ୟା ୩୪୯/ ତା. ୦୬.୦୩.୨୦୨୫

ଏହାର ନକଲ ଜିଲ୍ଲାପାଳ, ସୁବର୍ଣ୍ଣପୁର/ ଜିଲ୍ଲା ସହରାଂଚଳ ମିଶନ ପ୍ରକଳ୍ପ ନିର୍ଦ୍ଦେଶକ, ସୁବର୍ଣ୍ଣପୁରଙ୍କ ନିକଟକୁ ଅବଗତି ସକାଶେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ତରଭା

ଜ୍ଞାପକ ସଂଖ୍ୟା ୩୫୦/ ତା. ୦୬.୦୩.୨୦୨୫

ଏହାର ନକଲ ଯୁଗ୍ମ ଶଚିବ (ପ୍ରକାଶନ), ସୂଚନା ଓ ଲୋକ ସଂପର୍କ ବିଭାଗ, ଓଡିଶା ଭୁବନେଶ୍ୱରଙ୍କ ନିକଟକୁ ଏହି ଅଂଚଳରେ ପ୍ରଚଳିତ ୨ଗୋଟି ଓଡିଆ ଦୈନିକ ସମ୍ବାଦପତ୍ରରେ ଗୋଟିଏ ଦିନପାଇଁ ସ୍ୱଳ୍ପମୂଲ୍ୟରେ ପ୍ରକାଶନ କରିବାପାଇଁ ଅନୁରୋଧପୂର୍ବକ ପ୍ରେରଣ କରାଗଲା/ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ସୁବର୍ଣ୍ଣପୁରଙ୍କ ଜ୍ଞାତବ୍ୟ ସକାଶେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ତରଭା

AnyScanner

# ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ତରଭା

## ଜିଲ୍ଲା - ସୁବର୍ଣ୍ଣପୁର

### ଟେଣ୍ଡର ଆବେଦନ ଫର୍ମ

୧. ସୈରାତର ନାମ :

୨. ଆବେଦନକାରୀଙ୍କ ନାମ :

୩. ପିତା/ ସ୍ୱାମୀଙ୍କ ନାମ :

୪. ଆବେଦନକାରୀଙ୍କ ଠିକଣା :

୫. ଠିକଣା ସମ୍ବନ୍ଧୀୟ ପ୍ରମାଣପତ୍ର :

୬. ଟେଣ୍ଡର ପେପର ମୂଲ୍ୟ ବାବଦ ଡ୍ରାଫ୍ଟ ନଂ/ତା. :

୭. ଅମାନତ ଜମା ବାବଦ ଡ୍ରାଫ୍ଟ ନଂ/ତା.:

୮. ସୈରାତ ପାଇଁ ଆବେଦନ ଠିକାମୂଲ୍ୟ (ସଂଖ୍ୟାରେ):

(ଅକ୍ଷରରେ) :

ମୁଁ ଶ୍ରୀ/ ଶ୍ରୀମତୀ/ କୁ. . . . . . . . . . . . . . . . . . . . . . . . . . . ପିତା/ ସ୍ୱାମୀ . . . . . . . . . . . . . . . . . . . ନି. ତରଭା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ ନଂ. . . . . . ର ବାସିନ୍ଦା ଠିକା ସମ୍ବନ୍ଧୀୟ ଆବେଦନ ପତ୍ରରେ ଦେଇଥିବା ଉପର ବର୍ଣ୍ଣିତ ସମସ୍ତ ତଥ୍ୟ ଏବଂ ସଂଲଗ୍ନ କରିଥିବା ସମସ୍ତ କାଗଜାତ ମୋର ଜ୍ଞାତସାରରେ ସଂପୂର୍ଣ୍ଣ ସତ୍ୟ ଏବଂ ଠିକ୍ ଅଟେ ।

ଆବେଦନକାରୀଙ୍କ ସାକ୍ଷର

AnyScanner